ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev(OD)/791/28-11-2020

# ଆଜି ଭର୍ଚୁଆଲ୍ ଟୁର୍‌ରେ
# ଓଡ଼ିଶାର କୁଟିଆକନ୍ଧଙ୍କ ପାରମ୍ପରିକ କଳା ଓ କଳାସାମଗ୍ରୀ

ଭୁବନେଶ୍ୱର, ତା.୨୮/୧୧/୨୦୨୦

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ବିଭାଗ ପକ୍ଷରୁ ଅଗଷ୍ଟ ୧ ତାରିଖଠାରୁ ପ୍ରତ୍ୟେକ ରବିବାର ଦିନ ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଦର୍ଶକମାନଙ୍କ ନିମନ୍ତେ ଭର୍ଚୁଆଲ୍ ଟୁର୍‌ର ବ୍ୟବସ୍ଥା କରାଯାଇଛି । ଦର୍ଶକମାନେ ଘରେ ବସି ଟୁଇଟର ଓ ଫେସ୍‌ବୁକ୍ ପେଜ୍ @scstrti, @stscdev ଖୋଲି ଜନଜାତି ସଂଗ୍ରହାଳୟରେ ଥିବା ବିଭିନ୍ନ ଜନଜାତିଙ୍କ ଜୀବନଶୈଳୀ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

ଆଜି ଅର୍ଥାତ୍ ନଭେମ୍ବର ୨୯ ତାରିଖ ଦିନ ଦର୍ଶକମାନେ କୁଟିଆ କନ୍ଧ ଜନଜାତିମାନଙ୍କର ପାରମ୍ପରିକ କଳା ଓ କଳାସାମଗ୍ରୀ ପ୍ରସ୍ତୁତି ଦେଖିପାରିବେ । ମୁଖ୍ୟତଃ ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ବସବାସ କରୁଥିବା କୁଟିଆ କନ୍ଧ ଜନଜାତିମାନେ ବାଉଁଶରୁ ବିଭିନ୍ନ ପ୍ରକାରର ସୌଖୀନ ଓ ସୁନ୍ଦର ପାନିଆ ତିଆରି କରିବାରେ ସିଦ୍ଧହସ୍ତ ଅଟନ୍ତି । କୁଟିଆ କନ୍ଧ ଜନଜାତି ମହିଳାମାନେ ସେମାନଙ୍କ କେଶକୁ ପାନିଆରେ ସଜାଇଥା'ନ୍ତି । ଏହି ପାନିଆଗୁଡ଼ିକୁ କେଶବିନ୍ୟାସ ସହିତ ଉପହାର ଦେବା ନିମନ୍ତେ ତିଆରି କରାଯାଇଥାଏ । ସେହିପରି ଡଙ୍ଗରିଆ କନ୍ଧମାନଙ୍କର ଏମ୍ବ୍ରଡରି ବିଶ୍ୱବିଦିତ । ଡଙ୍ଗରିଆ କନ୍ଧ ଜନଜାତିର ପୁରୁଷ ଓ ମହିଳାମାନେ ଭିନ୍ନ ଧରଣର ଶାଲ୍ ବ୍ୟବହାର କରିଥା'ନ୍ତି । ଏହି ଶାଲ୍‌ଗୁଡ଼ିକ ନାଲି, ହଳଦିଆ ଓ ସବୁଜ ରଙ୍ଗର ପାରମ୍ପରିକ ବସ୍ତ୍ର ଉପରେ ସୂଚୀଶିଳ୍ପରେ ଅଳଙ୍କୃତ କରାଯାଇଥାଏ । ଏହି ଶାଲ୍‌କୁ କପଡାଗଣ୍ଡା କୁହାଯାଏ । ଡଙ୍ଗରିଆ ଜନଜାତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଶାଲ୍‌କୁ ଉପହାର ଭାବେ ମଧ୍ୟ ବ୍ୟବହାର କରାଯାଇଥାଏ । କନ୍ଧ ଜନଜାତିର ଲୋକମାନେ ସାଧାରଣତଃ କଳାପ୍ରିୟ । ତେଣୁ ସେମାନେ ବିଭିନ୍ନ ପ୍ରକାର କଳା ସାମଗ୍ରୀ ଓ ବସ୍ତ୍ର ବୁଣାବୁଣିରେ ବେଶ୍ ପାରଙ୍ଗମ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ